ଧଣ୍ଡିବା ଗୁଣ୍ଡୁ ପୋମାଜେ ଏବଂ ଅନ୍ୟମାନେ

ବନାମ

ମହାରାଷ୍ଟ୍ର ରାଜ୍ୟ

ସେପ୍ଟେମ୍ବର 17,1974

[ପି. ଜଗନମୋହନ ରେଡ୍ଡୀ ଏବଂ ପି. କେ. ଗୋସ୍ୱାମୀ, ନ୍ୟାୟମୂର୍ତ୍ତିଦ୍ୱୟ]

*ପ୍ରଥା ଏବଂ କାର୍ଯ୍ୟବିଧି - ଉଚ୍ଚ ନ୍ୟାୟାଳୟରେ ଅପରାଧିକ ଆବେଦନ - ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ସଂକ୍ଷିପ୍ତ ଖାରଜ - କାରଣ ଦେବାର କର୍ତ୍ତବ୍ୟ।*

*ସମ୍ବିଧାନ ଅନୁସାରେ ଉଚ୍ଚ ନ୍ୟାୟାଳୟଙ୍କର କୌଣସି ଆଦେଶରୁ ବ୍ୟଥିତ କୌଣସି ବ୍ୟକ୍ତି, ଧାରା 136 ଅଧୀନରେ, ବିଶେଷ ଅନୁମତି ପାଇବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟରେ ଅବେଦନ କରିପାରନ୍ତି, ଏହିପରି ପରିସ୍ଥିତିରେ [1953] S.C.R. 809 ରୁ ଆରମ୍ଭ ହୋଇଥିବା ଦୀର୍ଘ ଶୃଙ୍ଖଳାବଦ୍ଧ ରାୟଗୁଡ଼ିକୁ ଦୃଷ୍ଟିରେ ରାଖି, ଯେଉଁଥିରେ 'ଖାରଜ' ବୋଲି ଏକ ଶବ୍ଦରେ ଆବେଦନକୁ ଖାରଜ କରିବା ପ୍ରଥାକୁ ନିଷେଧ କରାଯାଇଛି, ଉଚ୍ଚ ନ୍ୟାୟାଳୟଙ୍କର ଏହା କରିବା ଆବଶ୍ୟକ ଯେ, ଅପିଲ୍ ଅବେଦନପତ୍ର ଓ ନିମ୍ନ ନ୍ୟାୟାଳୟର ରାୟକୁ ପରୀକ୍ଷା କରି, କାହିଁକି ଏଥିରେ କୌଣସି ଯୁକ୍ତିସଙ୍ଗତ ମାମଲା ସ୍ଥାପିତ ହୋଇନାହିଁ ବୋଲି କିଛି କାରଣ ଦିଆଯିବ । କାରଣର ଅନୁପସ୍ଥିତିରେ, ଅଦାଲତ ଖାରଜ କରିବା କିମ୍ବା ଆବେଦନକୁ ଗ୍ରହଣ କରିବା ପାଇଁ କେବଳ ରେକର୍ଡ ପଠାଇବା, କାଗଜପତ୍ର ପ୍ରସ୍ତୁତ କରିବା, ପକ୍ଷମାନଙ୍କୁ ଶୁଣିବା ଏବଂ ପ୍ରମାଣର ମୂଲ୍ୟାଙ୍କନ କରିବା ପରେ ହିଁ ନିଷ୍ପତ୍ତି ନେଇପାରିବେ। ଏହି ପ୍ରକ୍ରିୟାରେ ସର୍ବୋଚ୍ଚ ନ୍ୟାୟାଳୟ ଏପରି ଆବେଦନଗୁଡ଼ିକର ଭାର ବୋହିବାକୁ ବାଧ ହୁଏ ଓ ଯାହା ଉଚ୍ଚ ନ୍ୟାୟାଳୟଙ୍କର କରିବାକୁ ଥିଲା, ତାହା କରିବାକୁ ପଡ଼େ । ଏହିପରି ଏଡ଼ାଯୋଗ୍ୟ ବିଳମ୍ବ ସମୟରେ, ଦୋଷୀ ବ୍ୟକ୍ତି ନିଜ ଦଣ୍ଡାଦେଶ ସମ୍ପର୍କରେ ସନ୍ଦେହ ପୋଷଣ କରେ ଓ ଚିନ୍ତାରେ ପୀଡ଼ିତ ହୁଏ।*

ଫୌଜଦାରୀ ଆବେଦନ ଅଧିକାରିତା : ଫୌଜଦାରୀ ଆବେଦନ ସଂଖ୍ୟା 325/1974 ।

ସିଆରଏଲ ଆବେଦନ ସଂଖ୍ୟା 305 /1974 ରେ ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କର 8 ଏପ୍ରିଲ, 1974 ତାରିଖର ରାୟ ଏବଂ ଆଦେଶରୁ ସ୍ୱତନ୍ତ୍ର ଅନୁମତି ଦ୍ୱାରା ଆବେଦନ।

ଶରଦ ମଞ୍ଜର, ବି. ପି. ମାହେଶ୍ୱରୀ ଏବଂ ସୁରେଶ ସେଠୀ ଆବେଦନକାରୀଙ୍କ ପାଇଁ।

ଏସ୍. ବି. ୱାଡ୍ ଏବଂ ଏମ୍.ଏନ୍. ଶ୍ରଫ୍ ଉତ୍ତରଦାତାଙ୍କ ପାଇଁ।

ନ୍ୟାୟାଳୟଙ୍କର ରାୟ **ଜଗନମୋହନ ରେଡ୍ଡି, ନ୍ୟାୟମୂର୍ତ୍ତି** ଦ୍ୱାରା ପ୍ରଦାନ କରାଯାଇଥିଲା - ଆମେ ବର୍ତ୍ତମାନ ସ୍ୱତନ୍ତ୍ର ଅନୁମତି ଆବେଦନକୁ ଗ୍ରହଣ କରିଛୁ ଏବଂ ଆବେଦନ ପଞ୍ଜୀକୃତ ହେବା ପରେ ପକ୍ଷଗୁଡ଼ିକର ବିଦ୍ୱାନ ଓକିଲମାନଙ୍କୁ ଶୁଣିଛୁ।

ଏହା ଆଉ ଏକ ମାମଲା ଯେଉଁଠାରେ ଦଣ୍ଡବିଧି ସଂହିତାର ଧାରା 421 ଅନୁଯାୟୀ ଦୋଷୀ ସାବ୍ୟସ୍ତ ହେବା ବିରୁଦ୍ଧରେ ଅପରାଧିକ ପ୍ରଥମ ଆବେଦନକୁ ସଂକ୍ଷେପରେ ଖାରଜ କରାଯାଇଛି । ଆମେ ଉଭୟ ପକ୍ଷର କଥା ଶୁଣିଛୁ । ରାଜ୍ୟ ପାଇଁ ଶ୍ରୀ ୱାଡ୍ ଦୃଢତାର ସହ ଯୁକ୍ତି ଦର୍ଶାଇଛନ୍ତି ଯେ ଉଚ୍ଚ ନ୍ୟାୟାଳୟଙ୍କ ନିକଟରେ ସଂକ୍ଷେପରେ ଖାରଜ କରିବାର କ୍ଷମତା ରହିଛି ଏବଂ ଅନେକ ନିଷ୍ପତ୍ତିର ଉଦାହରଣ ଦେଇଛନ୍ତି, କିନ୍ତୁ ଏହି ସମସ୍ତ ମାମଲାରେ ଆମେ ଗ୍ରହଣ କରୁଥିବା ଦୃଷ୍ଟିକୋଣଠାରୁ ଭିନ୍ନ ଦୃଷ୍ଟିକୋଣକୁ ଯୁକ୍ତିଯୁକ୍ତ କରିବା ପାଇଁ କୌଣସି ବିପରୀତ ଦୃଷ୍ଟିକୋଣ ନାହିଁ। ଏହା ଦାଖଲ କରାଯାଇଛି ଯେ ଖାରଜ ଏତେ ସଂକ୍ଷିପ୍ତ ଥିଲା ଯେ ରେକର୍ଡ ମଧ୍ୟ ଲୋଡାଯାଇ ନଥିଲା । ନିସନ୍ଦେହ, ଦଣ୍ଡବିଧି ସଂହିତାର ଧାରା 421 ଉଚ୍ଚ ନ୍ୟାୟାଳୟକୁ ଏକ ଅପିଲକୁ ସଂକ୍ଷେପ ଭାବରେ ଖାରଜ କରିବାର କ୍ଷମତା ପ୍ରଦାନ କରେ କିନ୍ତୁ ଏହା କେବଳ ପିଟିସନର ଅନୁଧ୍ୟାନ ଏବଂ ରାୟର ନକଲ ଉପରେ କରାଯାଇପାରିବ । ଯେହେତୁ ଆମ ସମ୍ବିଧାନ ଅନୁଯାୟୀ ଉଚ୍ଚ ନ୍ୟାୟାଳୟଙ୍କର ଆଦେଶ ଦ୍ୱାରା ବ୍ୟଥିତ ଯେକୌଣସି ବ୍ୟକ୍ତି ଧାରା 136 ଅନୁଯାୟୀ ବିଶେଷ ଅନୁମତି ପାଇଁ ଏହି ନ୍ୟାୟାଳୟରେ ଆବେଦନ କରିପାରିବେ, ଏହା କେବଳ ଆବଶ୍ୟକ ନୁହେଁ ବରଂ 1953 ମସିହାରୁ ଆରମ୍ଭ ହୋଇଥିବା ନିଷ୍ପତ୍ତିର ଦୀର୍ଘ ଶୃଙ୍ଖଳା (1953 SCR 809 ଦେଖନ୍ତୁ) ଯାହା ଗୋଟିଏ ଶବ୍ଦ 'ଖାରଜ' ଦ୍ୱାରା ଖାରଜ କରିବାର ଏହି ପ୍ରଥାକୁ ନିରୁତ୍ସାହିତ କରେ, ସେହି ଦସ୍ତାବିଜଗୁଡିକର ଅନୁଧ୍ୟାନ ଉପରେ କୌଣସି ଯୁକ୍ତିଯୁକ୍ତ ମାମଲା କାହିଁକି ପ୍ରସ୍ତୁତ କରାଯାଏ ନାହିଁ ତାହା ଉଚ୍ଚ ନ୍ୟାୟାଳୟ ଅତି କମରେ କିଛି କାରଣ ଦେବା ଉଚିତ୍ । ଯହେତୁ ଆମେ ଏହାକୁ ନିଶ୍ଚିତ କରିପାରୁନାହୁଁ ଏବଂ ଆମ ସମ୍ମୁଖରେ ଏହା ଯୁକ୍ତି କରାଯାଉଛି ଯେ, ଏହି ମାମଲାରେ କିଛି ଯୁକ୍ତିସମ୍ମତ ପ୍ରଶ୍ନ ଉତ୍ପନ୍ନ ହେଉଛି, ଯାହାଙ୍କ ସମର୍ଥନରେ ବିଶେଷ ଅନୁମତି ଆବେଦନପତ୍ରରେ ଥିବା ବିବୃତି ଆମକୁ ପଢ଼ି ଶୁଣାଯାଇଛି, ସେଥିପାଇଁ ଆମେ ଏହା କହିବାର ସ୍ଥିତିରେ

ନାହୁଁ ଯେ କୌଣସି ଯୁକ୍ତିସମ୍ମତ ମାମଲା ଉପସ୍ଥିତ ହୋଇନାହିଁ । ଯଦି ଆମେ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶରେ ସାମାନ୍ୟତମ ଆଭାସ ପାଇଥାନ୍ତୁ, ତେବେ ଆମେ ଏହା କରିପାରିଥାନ୍ତୁ । କୌଣସି କାରଣ ନଥାଇ ଅନେକ ମାମଲାରେ ଯାହା ଘଟୁଛି ତାହା ହେଉଛି ବିଶେଷ ଅନୁମତି ଗ୍ରହଣ କରାଯାଉଛି ଏବଂ ଆବେଦନ ଶୁଣିବା ପରେ ଯଦି ଏହି ନ୍ୟାୟାଳୟ ଏହି ସିଦ୍ଧାନ୍ତରେ ଉପନୀତ ହୁଅନ୍ତି ଯେ ଦୋଷୀ ସାବ୍ୟସ୍ତ କରିବା ବୈଧ ଅଟେ, ତେବେ ଏହା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଖାରଜକୁ ଯଥାର୍ଥ ବୋଲି ବିବେଚନା କରିଥାଏ । କିନ୍ତୁ ଏହି ପଦ୍ଧତି, ଆମ ମତରେ, ପ୍ରକ୍ରିୟାକୁ ବିପରୀତ ଦିଗକୁ ନେଇଥାଏ ଏବଂ ଏହି ଅଦାଲତ ଉପରେ ଅନାବଶ୍ୟକ ବୋଝ ଲଦିଥାଏ । ଯାହା ଉଚ୍ଚ ନ୍ୟାୟାଳୟ କରିବା ଉଚିତ ଥିଲା, ଏବେ ଏହି ନ୍ୟାୟାଳୟ ତାହା କରୁଛି । ରେକର୍ଡ ପଠାଇବା, କାଗଜପତ୍ର ପ୍ରସ୍ତୁତ କରିବା, ଆବେଦନରେ ଉଭୟ ପକ୍ଷଙ୍କୁ ଶୁଣିବା ଏବଂ ସାକ୍ଷ୍ୟ ପ୍ରମାଣର ମୂଲ୍ୟାଙ୍କନ କରିବା ପରେ ହିଁ ଏହା କୁହାଯାଇପାରେ ଯେ କିଛି କ୍ଷେତ୍ରରେ ଖାରଜ, ପ୍ରକୃତରେ, ଶେଷରେ ଯଥାର୍ଥ ଥିଲା । ଅନେକ କ୍ଷେତ୍ରରେ ଆବେଦନକୁ ମଧ୍ୟ ମଞ୍ଜୁରୀ ଦିଆଯାଇଥିଲା ।

ଏହିପରି ଭାବେ ଦୀର୍ଘ ସମୟ ଧରି ବିଳମ୍ବ ହେବା ଫଳରେ ଦୋଷୀ ସାବ୍ୟସ୍ତ ହୋଇଥିବା ବ୍ୟକ୍ତି ନିଜର ଦୋଷୀ ସାବ୍ୟସ୍ତ ହେବା ନେଇ ସନ୍ଦେହରେ ରହିଥାନ୍ତି ଏବଂ ଏହାଦ୍ୱାରା ଉତ୍ପନ୍ନ ହେଉଥିବା ଚିନ୍ତାକୁ ସହ୍ୟ କରିବାକୁ ପଡିଥାଏ ।

ଏହି ଦୀର୍ଘ ସମୟରେ ନିଆଯାଇଥିବା ଏକାଧିକ ନିଷ୍ପତ୍ତି, ଯେଉଁଥିରେ କେବଳ ଗୋଟିଏ ଶବ୍ଦରେ ସାମୟିକ ଭାବେ ଆବେଦନକୁ ଖାରଜ କରିବାର ପ୍ରଥାକୁ ଅନୁମୋଦନ କରାଯାଇନାହିଁ, ସେସବୁକୁ ଧ୍ୟାନରେ ନିଆଯାଇବ ବୋଲି ଆମେ ଆଶା ଓ ବିଶ୍ୱାସ କରୁଛୁ । ଏବଂ ଏହି ଅଦାଲତ ସଂକ୍ଷେପରେ ଖାରଜକୁ ଆଧାର କରି ଉତ୍ପନ୍ନ ହେଉଥିବା ଆବେଦନଗୁଡ଼ିକର ଭାରରେ ଅବଶେଷରେ ପୀଡ଼ିତ ହେବ ନାହିଁ, କାରଣ ଏହା ପ୍ରଥମେ ଉଚ୍ଚ ନ୍ୟାୟାଳୟଙ୍କ କାର୍ଯ୍ୟଭୂମିକା ।

ତଦନୁସାରେ ଆବେଦନକୁ ମଞ୍ଜୁରୀ ଦିଆଯାଇଛି । ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ କୁ ରଦ୍ଦ କରାଯାଇଛି । ଆଇନ ଅନୁଯାୟୀ ଏବଂ ଏଠାରେ ଉପରୋକ୍ତ ନିର୍ଦ୍ଦେଶାବଳୀକୁ ଦୃଷ୍ଟିରେ ରଖି ଆବେଦନକୁ ଗ୍ରହଣ ଏବଂ ସମାଧାନ ପାଇଁ ଶୁଣାଣି ପାଇଁ ଉଚ୍ଚ ନ୍ୟାୟାଳୟକୁ ପଠାଯାଇଛି ।

ଭି. ପି. ଏସ୍. ଆବେଦନକୁ ମଞ୍ଜୁରୀ ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର:
ଅନୁବାଦିକା:
ତପସ୍ୱିନୀ ବିଶ୍ୱାଳ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ,
କଟକ ।